# ନମୁନା ସଂଗ୍ରହ, ପ୍ଲାଣ୍ଟର ପ୍ରଦୂଷିତ ପାଣି ପଦାକୁ ନ ଛାଡ଼ିବାକୁ ନିର୍ଦ୍ଦେଶ

## ବିଷାକ୍ତ ପାଣି ପିଇ ଗୋରୁ ମୃତ ଘଟଣା

ନବରଙ୍ଗପୁର,୨ ।୪ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ବାମୁଣି ଗାଁରେ ଏକ ମକା ପ୍ରୋସେସିଂ ପ୍ଲାଣ୍ଟର ଦୂଷିତ ପାଣି ପିଇ ୨୫ ଗୋରୁ ମୃତ୍ୟୁ ଘଟଣାକୁ ଜିଲା ପ୍ରଶାସନ ଗୁରୁତର ସହିତ ନେଇଛି। କୋରାପୁଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩ ଜଣିଆ ଟିମ୍ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ପ୍ଲାଣ୍ଟରୁ ଚାଷ ଜମିକୁ ଛଡାଯାଇଥିବା ଦୂଷିତ ପାଣିରୁ ନମୁନା ସଂଗ୍ରହ କରିଛନ୍ତି। ଏ ନେଇ କୋରାପୁଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ନିର୍ଦ୍ଦେଶକ ଦୀପେଶ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ବିଭାଗର ଜଣେ ବୈଜ୍ଞାନିକ ଓ ୨ଜଣ ଲାବ୍ ଆସିଷ୍ଟାଣ୍ଟ ପ୍ଲାଣ୍ଟରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ସେହିଭଳି ପ୍ଲାଣ୍ଟର ପ୍ରଦୂଷିତ ପାଣିକୁ ପଦାକୁ ନ ଛାଡିବା ପାଇଁ ପ୍ଲାଣ୍ଟର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଏହି ନମୁନା ଭୁବନେଶ୍ୱର କେନ୍ଦ୍ରୀୟ ପରୀକ୍ଷାଗାରକୁ ପଠାଯିବ। ଏହି ପରୀକ୍ଷା ପାଇଁ ୫ରୁ ୧୦ ଦିନ ସମୟ ଲାଗିବ। ରିପୋର୍ଟ ପହଞ୍ଚିବା ପରେ ପ୍ରକୃତରେ ଦୂଷିତ ପାଣିରେ କୌଣସି ବିଷାକ୍ତ ପଦାର୍ଥ ଥିଲା କି ନାହିଁ ତାହା ସ୍ୱଷ୍ଟ ହୋଇଯିବ ବୋଲି କହିଛନ୍ତି। ଲାବ୍ ରିପୋର୍ଟ ପହଞ୍ଚିବା ପରେ ସ୍ୱଷ୍ଟ ହେବ ବୋଲି ବୋର୍ଡ ଆଞ୍ଚଳିକ ନିର୍ଦ୍ଦେଶକ ବିଶ୍ୱାଳ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ଜୟପୁର ମାନବଧିକାର କର୍ମୀ ତଥା ଆଇନଜୀବୀ ଅନୁପ କୁମାର ପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ସେଥିରେ ଉଲ୍ଲେଖ କରିଛନ୍ତି, ମକା ପ୍ରୋସେସିଂ ପ୍ଲାଣ୍ଟରୁ ନିର୍ଗତ ଦୂଷିତ ଜଳକୁ ପ୍ଲାଣ୍ଟ ମାଲିକ ବିନା କୌଣସି ବିଶୋଧନରେ ଚାଷଜମି, ଜଳାଶୟକୁ ଛାଡ଼ିଦେବା କାରଣରୁ ଗୋରୁଙ୍କ ମୃତ୍ୟୁ ହୋଇଛି । ପ୍ଲାଣ୍ଟର ଦୂଷିତ ଜଳ ପାଇଁ କେବଳ ଗୋରୁ ନୁହେଁ, ସେହି ଅଞ୍ଚଳର ପରିବେଶ ଉପରେ କୁପ୍ରଭାବ ପଡିଛି। ଏହି ଦୂଷିତ ଜଳ ପାଇଁ ଲୋକଙ୍କର ଚର୍ମରୋଗ ହେଉଛି। ତେଣୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସ୍ୱାର୍ଥ ଓ ଦୂଷିତ ପରିବେଶ ସୃଷ୍ଟି କରୁଥିବା କାରଣରୁ ତୁରନ୍ତ ମକା ପ୍ରୋସେସିଂ ପ୍ଲାଣ୍ଟକୁ ବନ୍ଦ କରିବାକୁ ଦାବି କରିଛନ୍ତି। ସେଭଳି ବିଷକ୍ରିୟା ପାଇଁ ମୃତ ଗୋରୁଙ୍କ ମାଲିକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ସେଭଳି ସଂପୃକ୍ତ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ବିରୋଧରେ ତୁରନ୍ତ ପୋଲିସ ପକ୍ଷରୁ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି। ୨୫ ଗୋରୁଙ୍କ ମୃତ୍ୟୁ ପରେ ବାମୁଣି ଗାଁରେ ମକା ପ୍ରୋସେସିଂ ପ୍ଲାଣ୍ଟ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଘଟଣାସ୍ଥଳକୁ ଜିଲାପାଳ ଡ. ମହେଶର ସ୍ୱାଇଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ପହଞ୍ଚି ଗ୍ରାମବାସୀଙ୍କୁ ଗୋରୁଙ୍କ ମୃତ୍ୟୁର କାରଣ ପାଇଁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ପ୍ରାଣିସମ୍ପଦ ବିଭାଗର ଡାକ୍ତରୀ ଦଳ ପହଞ୍ଚି ୮ ଗୋରୁଙ୍କ ଶବ ବ୍ୟବଚ୍ଛେଦ ପାଇଁ ନମୁନା ସଂଗ୍ରହ କରିଥିବାବେଳେ ଗୁରୁବାର କୋରାପୁଟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରୁ ଏକ ୩ ଜଣିଆ ଟିମ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି।


ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ପାଣି ନମୁନା ସଂଗ୍ରହ କରୁଛନ୍ତି।

# ଶିରିଡ଼ି ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନବରଙ୍ଗପୁର,୨ ।୪(ସଦାଶିବ ପ୍ରହରାଜ)




ପାପଡ଼ାହାଣ୍ଡିସ୍ଥିତ ସାଇ ମନ୍ଦିରର ୧୦ମ ପ୍ରତିଷ୍ଠା ମହୋତ୍ସବ ବହୁ ଆଡମ୍ବର ସହିତ ଗୁରୁବାର ପାଳିତ ହୋଇଯାଇଛି। ସକାଳ ୬ଟା୩୦ରେ କାକଡ଼ ଆଳତି, ପୂର୍ବାହ୍ନ ୧୦ଟାରେ ସାଇଙ୍କ ଅଭିଷେକ ଅନୁଷ୍ଠିତ ହୋଇଥିଲା । ପୂଜା ହୋମ ଆଦି କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନ ୧୨ ଟା ୩୦ରେ ଆଳତି କରାଯାଇଥିଲା। ପ୍ରସାଦ ସେବନ ବ୍ୟବସ୍ଥା ପରେ ୬ଟା ୩୦ରେ ସନ୍ଧ୍ୟା ଆଳତି ଓ ରାତ୍ର ୮ଟା ୩୦ରେ ଶେଯ ଆଳତି ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଗିରିଶ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ଶ୍ୱେତା ଅଗ୍ରୱାଲ ବସି ପୂଜାର୍ଚ୍ଚନା କରିଥିଲେ। ଶିରିଡି ସାଇ ସେବା ଟ୍ରଷ୍ଟର ଟ୍ରଷ୍ଟି ବିଭୂତି ପ୍ରସାଦ ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟର ସଭ୍ୟ ସଦାଶିବ ପ୍ରହରାଜ, ଧରମପାଳ ଶର୍ମା, ବଳରାମ ସାହୁ, ଜିତେନ୍ଦ୍ର ସାହୁ, ଅରୁଣ ପଟ୍ଟନାୟକ, ଆଦିତ୍ୟ ସାହୁ, ଅତୁଲ୍ୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୨ ବାଇକ୍ ମୁହାଁମୁହିଁ: ଯୁବକ ମୃତ, ୧ ଗୁରୁତର

ଝରିଗାଁ,୨।୪(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ପାଲିଆ ପଞ୍ଚାୟତର ଚେପଟିଆମ୍ବା ଗ୍ରାମ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚେପଟିଆମ୍ବା ଗ୍ରାମର ନନ୍ଦ ସାନ୍ତାଙ୍କ ପୁଅ କନେଷ୍ଟି ସାନ୍ତା (୨୩)। ଏହି ଦୁର୍ଘଟଣାରେ ଜଣେ ନାବାଳକ ସାଗର ସାନ୍ତା (୧୫) ଗୁରୁତର ହୋଇଛନ୍ତି।

ସୂଚନା ପ୍ରକାରେ, କନେଷ୍ଟି ଓ ସାଗର ବୁଧବାର ରାତି ପ୍ରାୟ ୮ଟାରେ ବାଇକ୍ ଯୋଗେ ତାରିଣୀ ବଜାର ଦେଖିବାକୁ ପାଲିଆ ଛକକୁ ଯାଉଥିଲେ। ଚେପଟିଆମ୍ବା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ହୋଇ ପଡ଼ିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କନେଷ୍ଟିଙ୍କ ମୃତ୍ୟୁ ହୋଇଥିବା ବେଳେ ସାଗରଙ୍କ ବାମ କାନ୍ଧର ହାଡ଼ ଭାଙ୍ଗିଯାଇଥିବା ସୂଚନା ମିଳିଛି। ମୃତକଙ୍କ ସାନଭାଇ ସିଦ୍ଧାନ୍ତ ସାନ୍ତା ଝରିଗାଁ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ରାମଦୋଳିରୁ ପଡ଼ି ଯୁବକ ମୃତ

ନବରଙ୍ଗପୁର,୨ ।୪ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଇଘର କଳସୀ ମଣ୍ଡେଇରେ ଗୁରୁବାର ଅଘଟଣ ଘଟିଛି। ମଣ୍ଡେଇ ପଡିଆରେ ଲାଗିଥିବା ରାମଦୋଳିରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାନାହାଣ୍ଡି ଗ୍ରାମର ଦୀପକ ଗଣ୍ଡ (୨୨)। ଗୁରୁବାର ସନ୍ଧ୍ୟାରେ ସେ ରାମଦୋଳି ଉପରୁ ଖସି ପଡି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଥିବା ପୋଲିସ ତାଙ୍କୁ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ଯୁବକ ନିଶାସକ୍ତ ଅବସ୍ଥାରେ ଥିବାବେଳେ ଦୋଳି ଉପରୁ ଖସି ପଡ଼ିଥିବା ଜଣାପଡିଛି।

# ଆଦିବାସୀ ସଂସ୍କୃତି ଭବନର ଶିଳାନ୍ୟାସକଲେ ମନ୍ତ୍ରୀ

ଉମରକୋଟ, ୨ ।୪ (ସନ୍ତୋଷ ଶତପଥୀ)

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁବାର ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ମେନ୍ଧାବେଢ଼ାଠାରେ ନିର୍ମାଣ ହେବାକୁ ଥିବା ଆଦିବାସୀ ସଂସ୍କୃତି ଭବନର ଶିଳାନ୍ୟାସ କରିଛନ୍ତି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ସମଗ୍ର ଓଡ଼ିଶାରେ ୧୨୧ଟି ଆଦିବାସୀ ବହୁଳ ବ୍ଲକ୍‌ରେ ଏପରି ସାଂସ୍କୃତିକ ଭବନ ନିର୍ମାଣ କରାଯିବ। ପାପଡ଼ାହାଣ୍ଡିଠାରେ ଏକ ଆଦିବାସୀ ଅଡିଟୋରିୟମ ନିର୍ମାଣ ପାଇଁ ମଧ ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଛି ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା, ରାଜ୍ୟ ଭାଜପା ଉପସଭାପତି ରମେଶ ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମ୍‌ପି ପ୍ରତିନିଧି ବାସନ୍ତୀ ମାଝୀ, ଜିଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲଛମନ ମାଝୀ, ଜିଲା ଆଦିବାସୀ ମହାସଂଘର ଜିଲା ସଭାପତି ଘନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗଣ୍ଡ ସମାଜ, ଭତ୍ରା ସମାଜ, ରାଜଗଣ୍ଡ ସମାଜ, କୁଇ ସମାଜ, ପରଜା ସମାଜ, କୋଣ୍ଡାଦୋରା ସମାଜ ଭଳି ଅନେକ ସମାଜର ଜନଜାତି ବର୍ଗର ହଜାର ହଜାର ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ସେହିପରି ବୁଧବାର ହାଟପଡ଼ାରୁ – ଖୁଟୁଗୁଡ଼ା ରାସ୍ତା, କୁର୍ଶୀ –ଜୁନାପାଣି ରାସ୍ତା, ଦଳାଙ୍ଗପଡ଼ା – ମତେସାହି, ବନିପଦର – କୋଇଲୁପଡ଼ା, କେରିପଦର – ନାଗରାଛରା ୫ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୁର୍ସି ଉଚ୍ଚ ବିଦ୍ୟାଳୟ ପରିସରରେ ୩ କୋଟି ଟଙ୍କା ବ୍ୟୟରେ ଛାତ୍ରାବାସ ନିର୍ମାଣ ପାଇଁ ଗଣଶିକ୍ଷା ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ, ବିଧାୟକଙ୍କ ସହ ଉପସ୍ଥିତ ଅନ୍ୟମାନେ।

# ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ବଜାୟ ରଖିବାକୁ ଆହ୍ୱାନ



ଜିଲାସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର,୨।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ଶାସ୍ତ୍ରୀ ଭବନ (ଟାଉନ ହଲ୍) ଠାରେ ଜିଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ବୁଧବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସିଆର୍‌ପିଏଫ୍ ୧୨ ବାଟାଲିୟନ କମାଣ୍ଡାଣ୍ଟ ଏନ୍‌କେକେ ପ୍ରସାଦ, ପୌରାଧ୍ୟକ୍ଷ କୁନୁ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଡ. ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ନିଃସ୍ୱାର୍ଥପର ତ୍ୟାଗ, ବଳିଦାନ ଓ ଉଦ୍ୟମ ସମ୍ପର୍କରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ଓଡ଼ିଶା ତଥା ଓଡ଼ିଆର ସ୍ୱାଭିମାନ ଓ ଅସ୍ମିତାକୁ ବଜାୟ ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟ ସରକାର ଓଡ଼ିଆ ଅସ୍ମିତା, ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଚଳଣି,ସାହିତ୍ୟକୁ ବଜାୟ ରଖିବାକୁ ଉଦ୍ୟମ ଜାରି ରଖିବା ସହ ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତେ ଚେଷ୍ଟା କରିବାକୁ ଆହ୍ୱାନ କରିଥିଲେ। ସହରରେ ଥିବା ବରପୁତ୍ର ଏବଂ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀ ତଥା ଝୋଟି, ପିଠା ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ, ଟ୍ରଫି ପ୍ରଦାନ କରିଥିଲେ। ୬ଟି ସାଂସ୍କୃତିକ ଅନୁଷ୍ଠାନ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପଲ୍ଲିସଭା, ଗ୍ରାମସଭା ବର୍ଜନ କରିବାକୁ ସରପଞ୍ଚ ସଂଘର ଦାବିପତ୍ର


ସରପଞ୍ଚମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ।

ଝରିଗାଁ,୨ ।୪(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ପଲ୍ଲିସଭା ଓ ଗ୍ରାମସଭା ନ କରିବା ପାଇଁ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନୂତନ ସରକାର ଆସିଲା ପରଠାରୁ ସେମାନେ ପ୍ରତି ପଞ୍ଚାୟତରେ ପଲ୍ଲିସଭା ଓ ଗ୍ରାମସଭା କରି ଆସୁଛନ୍ତି। ହେଲେ ଗ୍ରାମସଭା ଓ ପଲ୍ଲିସଭାରେ ଯେଉଁ କାର୍ଯ୍ୟ ଖସଡ଼ା ତିଆରି ହେଉଛି, ପରବର୍ତ୍ତୀ ସମୟରେ ତାହା ବଦଳାଇ ଦିଆଯାଉଛି । ୨୦୨୫–୨୬ ଆର୍ଥିକ ବର୍ଷରେ ବିଜିବିଓ ପାଇଁ ଗ୍ରାମସଭା ମାଧ୍ୟମରେ ପ୍ରୋଜେକ୍ଟ ଲିଷ୍ଟ ଦିଆଯାଇଥିଲା। କିନ୍ତୁ ଆପ୍ରୁଭାଲ ଲିଷ୍ଟରେ ପ୍ରୋଜେକ୍ଟଗୁଡିକୁ କଟାଯାଇ ନୂତନ ପ୍ରୋଜେକ୍ଟ ଦିଆଯାଇଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ଆଗାମୀ ଦିନରେ ପଲ୍ଲିସଭା ଓ ଗ୍ରାମସଭାକୁ ବର୍ଜନ କରିବେ ବୋଲି ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ କୁହାଯାଇଛି । ସରପଞ୍ଚମାନଙ୍କ ଏହି ଦାବିକୁ ଝରିଗାଁ ସମିତି ସଭ୍ୟା ସଭ୍ୟମାନେ ମଧ ସମର୍ଥନ ଜଣେଇଥିବା ସୂଚନା ମିଳିଛି ।

# ନାଟକରେ ଅଭିନୟ କରି ଲୋକଙ୍କୁ ସଚେତନକଲେ ବିଡିଓ


ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

ତେନ୍ତୁଳିଖୁଣ୍ଟି,୨।୪ (ଚିଦାନନ୍ଦ ସାହୁ )

ସଚେତନତା ଭିତ୍ତିକ କ୍ଷୁଦ୍ର ନାଟକରେ ଅଭିନୟକରି ଲୋକଙ୍କୁ ସଚେତନ କଲେ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ। ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି ଏବଂ ସାପ କାମୁଡ଼ିଲେ ଝଡ଼ାଫୁଙ୍କା ନ କରି ମେଡିକାଲରେ ଚିକିତ୍ସା ପାଇଁ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତାଭିତ୍ତିକ କ୍ଷୁଦ୍ର ନାଟକର ପ୍ରଯୋଜନା ଏଡିଏମ୍ ବର୍ମନ କରିଥିବା ବେଳେ ନିର୍ଦ୍ଦେଶନା ବିଡିଓ ମନୋଜ ପଟ୍ଟନାୟକ କରିଛନ୍ତି। ଗ୍ରାମାଞ୍ଚଳରେ ସାପ କାମୁଡ଼ିଲେ ଗୁଣି ଗାରେଡ଼ି ନ କରି ଡାକ୍ତରଖାନା ଯାଇ ଚିକିତ୍ସା କରିବା ପାଇଁ ଏହି ନାଟକ ମାଧ୍ୟମରେ ସଚେତନ କରାଯାଇଛି।

# ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସମ୍ବର୍ଦ୍ଧିତ

ତେନ୍ତୁଳିଖୁଣ୍ଟି, ୨।୪ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କୁ ନିଯୁକ୍ତି ମିଳିବା ପରେ ବ୍ଲକ୍ ଭାଜପା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାଝୀଙ୍କ ନବରଙ୍ଗପୁରସ୍ଥିତ ବାସଭବନରେ ତେନ୍ତୁଳିଖୁଣ୍ଟି ବ୍ଲକ ଭାଜପା ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକଙ୍କ ନେତୃତ୍ୱରେ ଧରଣୀଧର ସିଂ, ହରେକୃଷ୍ଣ ମୁଦୁଲି, ଚନ୍ଦ୍ରଶେଖର ଜେନା, ବାବୁଲା ନାୟକ, ଗୋପାଳ କୃଷ୍ଣ ନାୟକ, ଲଛମନ ମାଝୀଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଅଧ୍ୟକ୍ଷ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଇମିଂ ବାର୍ଡ ସ୍କୁଲର ବାର୍ଷିକ ଉତ୍ସବ



ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଉମରକୋଟ,୨ ।୪ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ରାଇମିଂ ବାର୍ଡ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ 'ସମ୍ପ୍ରୀତି ୨.୦' ଦାଢ଼ିଗୁଡାସ୍ଥିତ ସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ଭାଜପା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ସ୍କୁଲର ପରିଚାଳନା ନିର୍ଦ୍ଦେଶକ କାମାକ୍ଷା ପ୍ରସାଦ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ସ୍ୱପ୍ନେଶ୍ୱର ପତି ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷା ମଣିଷକୁ ଶୃଙ୍ଖଳିତ କରେ ଏବଂ ଅନ୍ତର୍ନିହିତ ଶକ୍ତିର ବିକାଶ କରେ। ତେଣୁ ପାଠ ପଢ଼ି ଭଲ ମଣିଷ ହୋଇ ସମାଜ ଗଠନରେ ସାମିଲହେବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ପିଲାଙ୍କ ଭବିଷ୍ୟତ ଗଠନରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେହି ଦିଗରେ ବିଶେଷ ଧ୍ୟାନଦେବାକୁ ମନ୍ତ୍ରୀ ଗଣ୍ଡ କହିଥିଲେ। ଏହି ଅବସରରେ ସ୍କୁଲ ପରିଚାଳନା ସଭାପତି ତଥା ପ୍ରତିଷ୍ଠାତା ସୁଚରିତା ଶତପଥୀ ଟ୍ରଷ୍ଟ ସଦସ୍ୟ ନୀଳାମ୍ବର ଶତପଥୀ, ଶତୋଲିଶା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଲାଙ୍କ ସହ ଅଭିଭାବକମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

# ଆଦିବାସୀ ହସ୍ତତନ୍ତର ପ୍ରଚାରପ୍ରସାର ଉପରେ ଗୁରୁତ୍ୱ

## 'ଆମ ପୋଷାକ, ଆମ ପରିଚୟ' କାର୍ଯ୍ୟକ୍ରମ

ନବରଙ୍ଗପୁର,୨ ।୪(ସଦାଶିବ ପ୍ରହରାଜ)

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ–୨୦୨୬' ପାଳିତ ହେଉଛି। ଏହି ଅବସରରେ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆମ ପୋଷାକ, ଆମ ପରିଚୟ' କାର୍ଯ୍ୟକ୍ରମ ଗୁରୁବାର ସମ୍ପନ୍ନ ହୋଇଛି। ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ)ବିଶ୍ୱଜିତ ଚନ୍ଦ୍ର ବର୍ମନ, ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ପାରମ୍ପରିକ ପୋଷାକ ତଥା ସ୍ଥାନୀୟ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଓଡ଼ିଆ ଅସ୍ମିତାର ପରିଚୟ ଦେଇଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ବିଶେଷକରି ଜନଜାତି ବହୁଳ ନବରଙ୍ଗପୁର ଜିଲାର ପ୍ରାଚୀନ ତଥା ପ୍ରାମାଣିକ ଆଦିବାସୀ ହସ୍ତତନ୍ତର ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆମର ପାରମ୍ପରିକ ବସ୍ତ୍ର କେବଳ ଏକ ପୋଷାକ ନୁହେଁ, ବରଂ ଏହା ଆମ ଜାତିର ସ୍ୱାଭିମାନ ଓ କଳା–ସଂସ୍କୃତିର ପ୍ରତୀକ ବୋଲି ଆଲୋଚନା ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିସହ ଜିଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆତ୍ମପ୍ରକାଶ ସାହୁ ଏବଂ କର୍ମଚାରୀ ଏ. ସନ୍ତୋଷ କୁମାର ସହଯୋଗ କରିଥିଲେ। ଶେଷରେ ସମସ୍ତେ ଏକାଠି ହୋଇ ଏକ ସାମୂହିକ ଫଟୋ ଉତ୍ତୋଳନ କରିବା ସହ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।


ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ହସ୍ତତନ୍ତ ବସ୍ତ୍ର ପରିଧାନ କରିଛନ୍ତି।

# ପାରମ୍ପରିକ ବସ୍ତ୍ର ପରିଧାନ କରି ଓଡ଼ିଶା ଅସ୍ମିତାର ବାର୍ତ୍ତା

## ଜିଲା ପ୍ରଶାସନର ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାରମ୍ପରିକ ପୋଷାକରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ।

ମାଲକାନଗିରି, ୨।୪(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ପାଇଁ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଜନମାନସରେ ଆଦୃତ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ ବିଭାଗରେ ଅଭିଯାନକୁ ବ୍ୟାପକ କରାଯାଇଛି। ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀ ପାରମ୍ପରିକ ଓଡ଼ିଆ ହସ୍ତତନ୍ତ ପୋଷାକ ପରିଧାନ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଆୟୋଜନ କରିଥିଲେ।

ଏଥିଦ୍ୱାରା ପାରମ୍ପାରିକ ବୁଣାକାରଙ୍କୁ ସମର୍ଥନ ଏବଂ ଓଡ଼ିଶାର ବୟନ ଶିଳ୍ପକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ବାର୍ତ୍ତା ଦିଆଯାଇଛି। କର୍ମଚାରୀମାନେ ପାରମ୍ପରିକ ପୋଷାକରେ ସେଲ୍ଫି ଉଠାଇ ଓଡ଼ିଆ ପକ୍ଷ ଅଫିସିଆଲ ୱେବସାଇଟରେ ଅପଲୋଡ କରିଥିଲେ। ହସ୍ତତନ୍ତ ବସ୍ତ୍ରର ବ୍ୟବହାର ବୃଦ୍ଧି ପାଇଁ ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଆଦି ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଗ୍ରାହକମାନଙ୍କୁ ୩୦ ପ୍ରତିଶତ ଯାଏ ରିହାତି ପ୍ରଦାନ କରାଯାଉଛି। ସଭାରେ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପରମ୍ପରାର ମହତ୍ତ୍ୱ ନେଇ ଆଲୋକପାତ କରାଯାଇଛି। ଏହି ଅଭିଯାନ ଏପ୍ରିଲ ୧୪ ଯାଏ ଜାରି ରହିବ।

# ୨ ଶହୀଦ ପରିବାରକୁ ଭେଟିଲେ ପୋଲିସ ଅଧିକାରୀ

କୋରୁକୋଣ୍ଡା, ୨।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଏସ୍‌ପି ବିନୋଦ ପାଟିଲ ଏଚ୍‌ଙ୍କ ନିର୍ଦ୍ଦେଶ କ୍ରମେ ଓର୍କେଲ ପୋଲିସ ପକ୍ଷରୁ ଶହୀଦ ଏସ୍‌ଆଇ ସଦା ହନ୍ତାଳ ଓ କନେଷ୍ଟବଲ ଆନନ୍ଦ ଦେବ ମଲ୍ଲିକଙ୍କ ପରିବାର ଲୋକଙ୍କୁ ଭେଟି ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନ, ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ୨୦୦୩ ଜୁଲାଇରେ କିଛି ପୋଲିସ ଅଧିକାରୀ ଓ କର୍ମଚାରୀମାନେ କାଲିମେଳା ବ୍ଲକ ଅଧୀନ ଗୋମ୍ପାକୋଣ୍ଡା ଓ କାଲିମେଳା ମୁଖ୍ୟରାସ୍ତାରେ ଏକ ଆଣ୍ଟି ଲ୍ୟାଣ୍ଡମାଇନ୍ସ ଗାଡ଼ିରେ କୋମ୍ବିଂ କରୁଥିଲେ। ମାଓବାଦୀମାନଙ୍କ ପକ୍ଷରୁ ବିଛାଯାଇଥିବା ଲ୍ୟାଣ୍ଡମାଇନ୍ସ ବିସ୍ଫୋରଣରେ ଏସ୍‌ଆଇ ସଦା ହନ୍ତାଳ ଓ କନେଷ୍ଟବଲ ଆନନ୍ଦ ଦେବ ମଲ୍ଲିକ ଶହୀଦ ହୋଇଥିଲେ।

# ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମୃତ୍ୟୁଜନିତ ବୀମା ରାଶି ପ୍ରଦାନ




ବ୍ୟାଙ୍କ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ଚେକ୍ ପ୍ରଦାନ କରୁଛନ୍ତି।

ମାଲକାନଗିରି, ୪।୨
(ଗୌରି ଶଙ୍କର ପଣ୍ଡା/ସୁଚିତ୍ରା ଦାସ)

ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ଜିଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟରେ ୧୦ଲକ୍ଷ ଟଙ୍କାର ବୀମା ରାଶି ଚେକ୍ ଆକାରରେ ଗୁରୁବାର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଜିଲା ଏସ୍‌ପି ବିନୋଦ ପାଟିଲ ଏଚ୍ ଲୋକନାଥ ସେଠୀଙ୍କ ସ୍ତ୍ରୀ କସ୍ତୁରୀ ସେଠୀଙ୍କୁ ପ୍ରଦାନ କରିଥିଲେ। ଲୋକନାଥ ଷ୍ଟେଟ ବ୍ୟାଙ୍କରେ ପୋଲିସ ସାଲାରୀ ପ୍ୟାକେଜରେ ଦରମା ଖାତା ଖୋଲିଥିବାରୁ ତାଙ୍କ ମୃତ୍ୟୁ ପରେ ୧୦ ଲକ୍ଷ ଟଙ୍କା ବୀମା ରାଶି ଦିଆଯାଇଛି। ଷ୍ଟେଟ ବ୍ୟାଙ୍କରେ ପୋଲିସ ସାଲାରୀ ପ୍ୟାକେଜ୍ ଅଧୀନ ଖାତା ଥିଲେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୧କୋଟି ୧୦ ଲକ୍ଷ, ସାଧାରଣ ମୃତ୍ୟୁ ପାଇଁ ୧୦ଲକ୍ଷ ବୀମା ରାଶି ପ୍ରଦାନ କରାଯାଉଥିବା ବ୍ୟାଙ୍କ ପରିଚାଳକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ମାଲକାନଗିରି ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ବିନୋଦ କୁମାର ବିଷୋୟୀ ଓ ସହ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ ଆୟୋଜନ କରିଥିଲେ। କ୍ଷେତ୍ର ଅଧିକାରୀ ସୌମ୍ୟ ରଞ୍ଜନ ବେହେରା, ପୋଲିସ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ ବ୍ୟକ୍ତିଙ୍କୁ ସେଞ୍ଚୁରିଆନ ସାଥୀ ସମ୍ମାନ

ମାଲକାନଗିରି, ୨।୪(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପ୍ରଯୁକ୍ତିବିଦ୍ୟା ଓ ପରିଚାଳନା ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡି କ୍ୟାମ୍ପସ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଛି। ଏଥିରେ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ ଓ ଶିକ୍ଷା କ୍ଷେତ୍ରରେ ଅବଦାନ ଥିବା ବିଭିନ୍ନ ଅଞ୍ଚଳର ୩୦ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସେଞ୍ଚୁରିଆନ ସାଥୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନା ଚକ୍ର କରାଯାଇ ପାରଳାଖେମୁଣ୍ଡି କ୍ୟାମ୍ପସ ସ୍କୁଲ ଅଫ ନର୍ସିଂର ପ୍ରୋଗ୍ରାମ ସଂଯୋଜକ ବରପ୍ରସାଦ ତ୍ରିପାଠି ସେଞ୍ଚୁରିଆନ ସାଥୀଙ୍କୁ ସ୍ୱାଗତ କରିଥିଲେ। ସିୟୁଟିଏମ୍ ସ୍କୁଲ ଅଫ ଇଞ୍ଜିନିୟରିଂର ଡିନ ଡ. ପ୍ରଫୁଲ୍ଲ ପଣ୍ଡା ସମୀକ୍ଷା କରିଥିଲେ। ସ୍କୁଲ ଅଫ ଫିସରିଜ ସିୟୁଟିଏମ ମାର୍ଗଦର୍ଶୀ ଦର୍ଶନ ଡିନ ଡ. ସମ୍ବିଦ ସ୍ୱାଇଁ ଜୀବନ ଗଠନ, ସମ୍ପ୍ରଦାୟକୁ ସଶକ୍ତ କରିବା ଗୁରୁତ୍ୱାରୋପ କରିଥିଲେ। ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଯୁବପିଢ଼ିଙ୍କ ମଧ୍ୟରେ ଉଦୀୟମାନ କ୍ୟାରିଅର ସୁଯୋଗ ଏବଂ ଦକ୍ଷତା ବିକାଶ ବିଷୟରେ ସଚେତନତା ପ୍ରସାର କରିବାରେ ସମ୍ପ୍ରଦାୟ ନେତା, ଶିକ୍ଷକ ଓ ସାମାଜିକ ଅବଦାନକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରାଯାଇଥିଲା। ସେଞ୍ଚୁରିଆନ ସାଥୀମାନେ ଯୁବପିଢ଼ିଙ୍କୁ ସକ୍ରିୟ ସମର୍ଥନ କରିଆସୁଥିବାରୁ ଏହି ବ୍ୟକ୍ତିମାନଙ୍କୁ କୌଶଳ ସାଥୀ ଭାବେ ସେବା କରିବାକୁ ଆମନ୍ତ୍ରଣ କରିଛି। ସେମାନେ ସ୍ଥାନୀୟ ଯୁବପିଢ଼ିଙ୍କୁ ଦକ୍ଷତା ଭିତ୍ତିକ ଶିକ୍ଷା, ନିଯୁକ୍ତି, ଉଦ୍ୟୋଗୀତା ପାଇଁ ପରାମର୍ଶ ଓ ପ୍ରେରଣା ଦେବାରେ ସାହାଯ୍ୟ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଜଣେ ବ୍ୟକ୍ତିଙ୍କୁ ସେଞ୍ଚୁରିଆନ୍ ସାଥୀ ସମ୍ମାନ ଦିଆଯାଉଛି।

# ଜିଲା ପ୍ରଶାସନର ପୋଷଣ-୧୫, ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଚିକିତ୍ସାଧିକାରୀ ଓ ଅନ୍ୟମାନେ।

ମାଲକାନଗିରି, ୨।୪(ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଆ ପକ୍ଷ ପାଳନ ଅବସରରେ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଏମ୍‌ଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପୋଷଣ-୧୫ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଡୋଳାମଣି ପ୍ରଧାନ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଏମ୍.ଏମ୍. ଅବିଦ ହୁସେନ, ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲା ପ୍ରୋଗ୍ରାମ ମ୍ୟାନେଜର ମୌସୁମୀ ମିଶ୍ର, ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରଭାସ କୁମାର ସେଠୀ, ବିଡିଓ ତପନ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପୋଷଣର ଗୁରୁତ୍ୱ, କୁପୋଷଣ ଯୋଗୁ ହେଉଥିବା ସମସ୍ୟା ଓ ସୁଷମ ଖାଦ୍ୟ ଗ୍ରହଣ କରିବା ଉପକାରିତା ନେଇ ଆଲୋଚନା କରିଥିଲେ। ଏଥିସହ ସୁସ୍ଥ ଶରୀର ପାଇଁ ଖାଦ୍ୟ ନିରାପତ୍ତା ଓ ଠିକ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଧାନଶିକ୍ଷକ ଏ. ଈଶ୍ୱର ରାଓ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ସଚେତନତା ସୃଷ୍ଟି କରିବାକୁ ସଭା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ଲକସ୍ତରୀୟ ତାଲିମ ଶିବିର ଉଦ୍‌ଯାପିତ

ଗୋବିନ୍ଦପାଲି, ୨।୪(କାର୍ତ୍ତିକ ରଥ)



ମାଲକାନଗିରି ଜିଲା ଖଇରପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜନଗଣନା ୨୦୨୭ର ବ୍ଲକସ୍ତରୀୟ ତିନିଦିନିଆ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଗୁରୁବାର ଶେଷ ହୋଇଛି। ତହସିଲଦାର ମଣ୍ଟୁ ଖମାରୀ ଉଦ୍‌ଯାପନ କରିଛନ୍ତି। ଏଥିରେ ପ୍ରାୟ ୫୦ ଜଣ ଅଂଶଗ୍ରହଣ କରିଥିଲେ। ଶିବିରରେ ତହସିଲଦାର ଖମାରୀ ସାମୂହିକ ଶପଥ ପାଠ କରାଇଥିଲେ। ସମସ୍ତେ ପରସ୍ପରକୁ ସହଯୋଗ ସହ ତ୍ୟାଗପୂର୍ଣ୍ଣ ଭାବେ ଏକ ଟିମ ୱାର୍କ କରିବାକୁ ସେ ଆହ୍ୱାନ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଶିଶିର କୁମାର ବେହେରା ଓ ଅତିରିକ୍ତ ଉପ ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ତହସିଲ ଅଫିସର କନିଷ୍ଠ ସହାୟକ ପ୍ରଶାନ୍ତ କୁମାର ପାଢ଼ୀ ସହାୟତା ପ୍ରଦାନ କରିଥିଲେ।




# ମା'କାଳୀଙ୍କ ଦଣ୍ଡଯାତ୍ରା ଆରମ୍ଭ

କୋରୁକୋଣ୍ଡା, ୨।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ବଜାରସ୍ଥିତ ଦଣ୍ଡକାଳୀ ମନ୍ଦିରରେ ଦଣ୍ଡଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ଏହି ଯାତ୍ରା ୧୩ ଦିନଧରି ଚାଲିବା ସହ ଆସନ୍ତା ପଣା ସଂକ୍ରାନ୍ତି ଦିନ ଶେଷ ହେବ। ୧୩ଦିନରେ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଭୁଗୁଡା ଦଣ୍ଡ ଖେଳିବାକୁ ଭକ୍ତମାନେ ମନସ୍କାମନା କରିଛନ୍ତି। ଏଥିରେ ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ଅଗ୍ନିଦଣ୍ଡ ଖେଳାଯିବ। ମାନସିକଧାରୀ ମାନସିକ ପୂରଣ ପାଇଁ ଦଣ୍ଡୁଆମାନଙ୍କୁ ନିମନ୍ତ୍ରଣ କରିଛନ୍ତି। ଆୟୋଜକଙ୍କ ଘର ଆଗରେ ରୀତିନୀତି ଅନୁସାରେ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଏ। ରାତିରେ ପୂଜା କମିଟି ପକ୍ଷରୁ ନାଟକ ପରିବେଷଣ କରାଯାଏ। ଦଣ୍ଡୁଆମାନେ ବାଲିମେଳା ସହର ସମେତ ମାଲକାନଗିରି, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ବୈପାରିଗୁଡା, ସୁନାବେଡା, ଗୋବିନ୍ଦପାଲ୍ଲୀ ଆଦି ବିଭିନ୍ନ ସ୍ଥାନକୁ ଦଣ୍ଡଯାତ୍ରା କରିବାକୁ ଯାତ୍ରା କରିବେ। ଏହି ଦଣ୍ଡକୁ ବ୍ରହ୍ମପୁର ମୁଖ୍ୟ ଭୁଗୁଡା ଭଗବାନ ସ୍ୱାଇଁ ପରିଚାଳନା କରିବେ। ସ୍ଥାନୀୟ ଦଣ୍ଡକାଳୀ ମନ୍ଦିର ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ମହାନ୍ତି, ଉପସଭାପତି ରାମଚନ୍ଦ୍ର ବାଗିଙ୍କ, ସମ୍ପାଦକ ବାବୁଲା ଡାକୁଆ, ସହ ସମ୍ପାଦକ ସୁଶାନ୍ତ କୁମାର ମହାରଣା, କୋଷାଧ୍ୟକ୍ଷ ପିତାମ୍ବର ଭୂୟାଁ ପ୍ରମୁଖ ପରିଚାଳନା କରୁଛନ୍ତି। ଦଣ୍ଡନାଚ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।



ଆୟୋଜକଙ୍କ ଘର ଆଗରେ ମା'କାଳୀଙ୍କ ମାର୍ଜନା କରାଯାଉଛି।

# ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ପଡିଆ, ୨।୪(ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାରେ ପୂର୍ବତନ ବିଧାୟକ ନାକି କାନାୟାଙ୍କ ୩୪ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ସେ ଜିଲାର ଆଦିବାସୀ ନେତା ଭାବେ ପରିଚିତ। ପଡିଆ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ମୃତିଚାରଣ କରାଯାଇଛି। ସେ ବିଧାୟକ ଥିବା ବେଳେ ଜିଲାର ବିଭିନ୍ନ ପ୍ରାନ୍ତରେ ୨୨ ଗ୍ରାମ ସ୍ଥାପନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ପୂର୍ବତନ ବିଧାୟକ ମାନସ ମାଡକାମି, ପଡିଆ ବ୍ଲକ ଅଧକ୍ଷା ଦେବେ ମାଡି, ପଡିଆ ଥାନାଧିକାରୀ ସନ୍ତୋଷ କୁମାର ମାଝୀ, ସାମାଜିକ କର୍ମୀ ଏନ୍. ରାଘବ ରାଓ, ସରପଞ୍ଚ ଗଙ୍ଗା କାରାମ, ବାପନପଲ୍ଲୀ ସରପଞ୍ଚ ମେଧା ବଗାମ, ପଡିଆ ଲ୍ୟାମ୍ପ ଏମଡି ଏସ୍ ରାଜେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଆଦିବାସୀଙ୍କ ବିକାଶ ପାଇଁ ନେଇଥିବା ବିଭିନ୍ନ ପଦେକ୍ଷପ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗତ କାନାୟାଙ୍କ ବଡପୁଅ ନାକା ନୁକାଲ ରାଜୁ ପରିଚାଳନା କରିଥିଲେ। ଏଥିରେ ନାକା ବିଚେମାମା, ନାକା ଉମାଦେବୀ, ନାକା ନାହାମ, ନାକା ଅଶୋକ ଉପସ୍ଥିତ ଥିଲେ।



# ରେଳ ପ୍ରକଳ୍ପ ଜମି ମୂଲ୍ୟାୟନକୁ ବିରୋଧ

ଜୟପୁର, ୨।୪(ପବନ ପାଣିଗ୍ରାହୀ)-କୋରାପୁଟ ଜିଲାରେ ନିର୍ମାଣ ହେବାକୁ ଥିବା ରେଳଧାରଣା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣର ନିର୍ଦ୍ଧାରିତ କମ ମୂଲ୍ୟାୟନକୁ ବିରୋଧ କରି ଜମି ମାଲିକମାନେ ଗୁରୁବାର ପ୍ରତିବାଦ କରିଛନ୍ତି। ଜୟପୁର ବ୍ଲକ୍ ଝିଲିମିଲିଗୁଡାସ୍ଥିତ ଧନପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ କ୍ଷତିପୂରଣ ପ୍ରଦାନ ବେଳେ ବିରୋଧ କରିଛନ୍ତି। ଜୟପୁର ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଟଙ୍କା ପ୍ରଦାନ ବୈଠକରେ ଜୟପୁର-ନବରଙ୍ଗପୁର ରେଳ ଲାଇନ ପ୍ରକଳ୍ପ ପାଇଁ ଜିଲାରେ ପ୍ରାୟ ୩୩୦ରୁ ୩୩୫ ହେକ୍ଟର ଜମି ଆବଶ୍ୟକ ରହିଛି। ଏଥିରେ ପ୍ରାୟ ୨୪୮ ହେକ୍ଟର ବେସରକାରୀ ଜମି, ୮୧ ହେକ୍ଟର ସରକାରୀ ଜମି ଓ କିଛି ସମ୍ବେଦନଶୀଳ ଜଙ୍ଗଲ ଜମି ରହିଛି। ନବରଙ୍ଗପୁର ଜିଲାରେ ପ୍ରାୟ ୧୧୦ ହେକ୍ଟର ଜମି ଆବଶ୍ୟକ ହୋଇଛି। କିନ୍ତୁ ରେଳ ଧାରଣା ନିର୍ମାଣ ପାଇଁ ଚାଷ ଜମି ହରାଇଥିବା ଜମି ମାଲିକମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଜଳସେଚିତ ଚାଷ ଜମି ପାଇଁ ଏକର ପିଛା ୨ଲକ୍ଷ ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ଜମିର ବଜାର ମୂଲ୍ୟ ଏକର ପିଛା ୫୦ ଲକ୍ଷ ଟଙ୍କା ରହିଛି। ବଜାର ମୂଲ୍ୟଠାରୁ କମ ଦରରେ ଜଳସେଚିତ ଜମିର ମୂଲ୍ୟ କେଉଁ ଆଧାରରେ ସରକାର ଓ ପ୍ରଶାସନ ପକ୍ଷରୁ ମୂଲ୍ୟାୟନ କରାଯାଇଛି ବୋଲି ଏକମ୍ବା ଗ୍ରାମର ରାମ ପାଣିଗ୍ରାହୀ ଓ ପ୍ରହଲ୍ଲାଦ କହିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ଟଙ୍କାକୁ ଗ୍ରହଣ କରିବୁ ନାହିଁ ବୈଠକରେ କୁହାଯାଇଛି। ବୈଠକରେ ଜମି ଅଧିଗ୍ରହଣକୁ ମନ୍ତ୍ର ଚାଷୀ ପ୍ରତିବାଦ କରି ବଜାର ମୂଲ୍ୟ ଅନୁଯାୟୀ ଏକର ପିଛା ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା ଓ ଜମି ହରାଇଥିବା ପରିବାରର ଜଣଙ୍କୁ ରେଳ ବିଭାଗରେ ଚାକିରି ପ୍ରଦାନ କରିବାକୁ ଦାବି କରାଯାଇଛି। ବୈଠକରେ ତହସିଲଦାର ଜେନା ଜମିମାଲିକଙ୍କୁ ବୁଝାଶୁଝା କରି ଜମି ମୂଲ୍ୟାୟନ ଗତ ୨ ବର୍ଷ ପୂର୍ବରୁ ରେଜିଷ୍ଟ୍ରି ତଥ୍ୟ ଆଧାରରେ କରାଯାଇଥିଲା। ଅସନ୍ତୁଷ୍ଟ ଜମି ମାଲିକ ଜିଲାପାଳଙ୍କ ନିକଟରେ ଆବେଦନ କରିପାରବେ ବୋଲି କହିଥିଲେ।

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka

**ହଷ୍ଟେଲ ପରିସରରୁ ଗାଈ ମୃତଦେହ ହଟାଇବା ଦାବି**

ନନ୍ଦପୁର,(ତୁଷାରକାନ୍ତ ମହାନ୍ତି):ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ପରିସରରେ ଦୁଇଦିନ ହେବ ଗାଈର ମୃତଦେହ ପଡ଼ିରହିଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ, ପଞ୍ଚାୟତ ପ୍ରଶାସନ ଓ ଗାଈ ମାଲିକ ମୃତଦେହ ହଷ୍ଟେଲ ପରିସରରୁ ହଟାଇବାକୁ ବ୍ୟବସ୍ଥା କରି ନ ଥିବା ଅନ୍ତେବାସୀ କହିଛନ୍ତି। ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ନନ୍ଦପୁର ବ୍ଲକ୍ ବିଡିଓ, ଜିପିଡିଓ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ପଞ୍ଚାୟତ ପିଇଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଗାଈ ମୃତଦେହ ପରିସରରୁ ହଟାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ୨୦ କିଲୋ ଗଞ୍ଜେଇ ଜବତ: ୩ ଗିରଫ

କୋରାପୁଟ,୨।୪(ଅମିତାଭ ବେହେରା)

କୋରାପୁଟ ଅବକାରୀ ବିଭାଗ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୨୦ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସୁନାବେଡା କଳାହାଣ୍ଡି କଲୋନୀର ମାଲତୀ ଖରାଙ୍କଠାରୁ ୩ କିଲୋ ୨୦୦ ଗ୍ରାମ, ଦମନଯୋଡ଼ିର ଶିବା ଶଙ୍କର ଦାଶଙ୍କଠାରୁ ୧୦ କିଲୋ ଓ ସେମିଳିଗୁଡ଼ା ଥାନା ଅଧୀନ ଜାନିଗୁଡ଼ାର ତ୍ରିଲୋଚନ ସାହୁଙ୍କଠାରୁ ୭ କିଲୋ ଗଞ୍ଜେଇ ଜବତ ହୋଇଛି। ଚଢ଼ାଉରେ କୋରାପୁଟ ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଡିଏଫଏସ୍ ଇନ୍ସପେକ୍ଟର ଚନ୍ଦ୍ରଶେଖର ପାଢ଼ିଆରୀ, ଏକ୍ସାଇଜ ଷ୍ଟେସନର ଓଆଇସି ଜଗବନ୍ଧୁ ଜାନୀ, ଏଏସଆଇ ଦିବାକର ମହାପାତ୍ର ଓ ଏଲିଜା ବିସୋଇ ସାମିଲ ହୋଇଥିଲେ। ଘଟଣାର ତଦନ୍ତ ଜାରି ରହିଛି।

### ୨ଅଟୋ ମୁହାଁମୁହିଁ ଧକ୍କା:୨ ଗୁରୁତର

ନନ୍ଦପୁର,୨।୪(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ହାଣ୍ଡିପୁଟ ସଂଯୋଗୀ ଏମ୍‌ଡିଆର୍ ୫୫ ରାସ୍ତାର ହିକିମପୁଟ-ମାରଡା ଛକ ମଧ୍ୟରେ ୨ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଗୁରୁବାର ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶ ସିଙ୍ଗାରିପଡ଼ା ଗ୍ରାମର ପ୍ରଶାନ୍ତ ମାଳି ଓ ଭୀମ ପାତ୍ର। ସୂଚନାନୁଯାୟୀ, ଗୁରୁବାର ଅଟୋ (ଏପି୩୯ଟିଏମ୍୦୬୫) ଓ ଅନ୍ୟ ଅଟୋ(ଓଡି୧୦ଡବ୍ଲୁ ୧୪୮୦) ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଅଟୋ ଚାଳକ ଓ ସହଯାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଲମତାପୁଟସ୍ଥିତ ଆଶାକିରଣ ହସ୍ପିଟାଲକୁ ପଠାଇଛନ୍ତି। ନନ୍ଦପୁର ଥାନାଧିକାରୀ ତ୍ରିନାଥ ତେତାପାଢ଼ିଆଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ଗୁପ୍ତେଶ୍ୱର ଗଉଡ଼ ଓ ଟିମ୍ ଘଟଣାର ତଦନ୍ତ କରୁଛନ୍ତି।

### ଜୟପୁର ଟାଉନ ଥାନାଧିକାରୀ ପୁରସ୍କୃତ

ଜୟପୁର,୨।୪(ପବନ ପାଣିଗ୍ରାହୀ)

ଓଡ଼ିଶା ଦିବସ ପାଳନ ଅବସରରେ କୋରାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର ଟାଉନ ଥାନାଧିକାରୀ ଉଲ୍ଲାସ ରାଉତଙ୍କୁ ଶ୍ରେଷ୍ଠ ଥାନାଧିକାରୀ ଭାବେ ପୁରସ୍କୃତ କରାଯାଇଛି। କର୍ତ୍ତବ୍ୟ ନିଷ୍ଠା, ଅପରାଧ ନିୟନ୍ତ୍ରଣ, ପବ୍ଲିକ ଫ୍ରେଣ୍ଡଲି ପଲିସ, ସହରର ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା, ଆଇନଶୃଙ୍ଖଳା ବଜାୟ ରଖିବା ଆଦି କାର୍ଯ୍ୟରେ ପାରିଦର୍ଶିତା ହାସଲ କରିଥିବାରୁ ତାଙ୍କୁ ଶ୍ରେଷ୍ଠ ଥାନାଧିକାରୀ ଭାବେ ସମ୍ମାନିତ କରାଯାଇଛି। ଡିଆଇଜି କନ୍‌ୱର ବିଶାଲ ସିଂ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଛନ୍ତି।

### ଛପର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

କୋରାପୁଟ,୨।୪(ଅମିତାଭ ବେହେରା)

କୋରାପୁଟ ବ୍ଲକ ଅଧୀନ ଛପର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି.ଏଚ୍ ସାନ୍ତାକାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଯୁକ୍ତା କଅଁର, ନାଏବ ସରପଞ୍ଚ ଦେବକୀ ହନ୍ତାଳ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାସୁଦେବ ଦାସ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ କାଳୁଚରଣ ଛୋଟରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ପ୍ରତି ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ପାଢ଼ୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବସନ୍ତ ଲେଙ୍କା, ଶିକ୍ଷୟିତ୍ରୀ ରୋଜାଲିନ ଦାସ ପରିଚାଳନା କରିଥିଲେ।

# ଜିଲାରେ ଗାଜର ଉତ୍ପାଦନକୁ ମିଳିବ ପ୍ରାଧାନ୍ୟ

### ୬ ବ୍ଲକ୍‌ରେ ହେଉଛି ୨ କିସମର ଗାଜର ଚାଷ

ନନ୍ଦପୁର,୨।୪(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲାର ମୃତ୍ତିକା ଓ ପାଣିପାଗ ଗାଜର ଚାଷ ପାଇଁ ଅନୁକୂଳ। ଏହା ସାଧାରଣ ତାପମାତ୍ରାରେ ଅଧିକ ଦିନ ସଂରକ୍ଷିତ ରହୁଥିବାରୁ ଜିଲାରେ ଧାନ, ମାଣ୍ଡିଆ ଓ ପନିପରିବା ଭଳି ଗାଜର ଚାଷକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ ବୋଲି ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ସୂଚନା ଦେଇଛନ୍ତି। ଗାଜରରେ ପ୍ରଚୁର ପରିମାଣର ଭିଟାମିନ ଏ, ସି, କେ, ବି ୨, ବି ୩, ବି ୬, ଇ ସହ ପୋଟାସିୟମ, କପର, ଜିଙ୍କ୍, କ୍ୟାଲସିୟମ ଆଦି ଜରୁରୀ ଖଣିଜ ପଦାର୍ଥ, ଫାଇବର, ଆଣ୍ଟି ଅକ୍ସିଡେଣ୍ଟ, ପ୍ରୋଟିନ, କାର୍ବୋ ହାଇଡ୍ରେଟ୍ ଭଳି ପୋଷାକ ତତ୍ତ୍ୱ ରହିଛି। ଗାଜର ଚାଷ ଅଳ୍ପ ଖର୍ଚ୍ଚରେ ହୋଇ ଚାଷୀଙ୍କୁ ଅଧିକ ଅମଳ ଦେଇଥାଏ।

ସୂଚନା ମୁତାବକ ଏପ୍ରିଲ ୪କୁ ସାରା ବିଶ୍ୱ ଗାଜର ଦିବସ ଭାବେ ପାଳନ କରାଯାଉଛି। ଜିଲାର ନନ୍ଦପୁର, ଲମତାପୁଟ, ପଟ୍ଟାଙ୍ଗି, ସେମିଳିଗୁଡ଼ା, କୋରାପୁଟ ଓ ଜୟପୁର ବ୍ଲକ ଅଞ୍ଚଳରେ ମୋଟ ୭୫ ହେକ୍ଟର ଜମିରେ ପୁଷା କେଶର ଓ ପୁଷା ମେଘାଳି ଆଦି ୨ କିସମର ଗାଜର ଚାଷ କରାଯାଉଛି। ହେକ୍ଟର ପିଛା ୧୬,୮୨ ମେଟ୍ରିକ ଟନ୍ ହିସାବରେ ମୋଟ ୧୨୫୦ ମେଟ୍ରିକ ଟନ ଗାଜର ଜିଲାରେ ଉତ୍ପାଦନ ହେଉଛି। ରାଜ୍ୟ, ଦେଶ ଓ ଅନ୍ତର୍ଜାତୀୟ ସ୍ତରରେ ଗାଜରର ଚାହିଦା ମଧ୍ୟ ରହିଛି। ସରକାରଙ୍କ ଗାଜର ଚାଷ ପାଇଁ ଥିବା ହେକ୍ଟର ପିଛା ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସଦୁପଯୋଗ କରି ଆଗାମୀ ଦିନରେ ଜିଲାରେ ଗାଜର ଚାଷକୁ ପ୍ରାଧାନ୍ୟ ଦିଆଯିବ। ଏହା କଫି, ଅଦା, ଆଳୁ, ଗୋଲମରିଚ, ହଳଦୀ ଆଦି ଚାଷୀଙ୍କୁ ଅଧିକ ଲାଭ ଦେବା ସହ ସ୍ଥାନୀୟ ଲୋକଙ୍କ ପୋଷଣ ତତ୍ତ୍ୱ ମଧ୍ୟ ମେଣ୍ଟାଇବ ବୋଲି ଉପନିର୍ଦ୍ଦେଶକ ବିଶ୍ୱାଳ ସୂଚନା ଦେଇଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭାଗୀୟ ଏଏଇ ପ୍ରଶାନ୍ତ ଜାନି, ଜଣେ ଏଏଚ୍‌ଓ ଏବଂ ଜିଲାର ୩ ଚାଷୀ ଉତ୍ତରପ୍ରଦେଶର ଗାଜର ଚାଷ ପର୍ଯ୍ୟବେକ୍ଷଣ କରି ଆସିଛନ୍ତି। ସେମାନଙ୍କ ଅଭିଜ୍ଞତା ଚାଷ କ୍ଷେତରେ ବିନିଯୋଗକରି ବିଭିନ୍ନ ରଙ୍ଗ ଓ କିସମର ଗାଜର ଉତ୍ପାଦନ କରାଯିବ ବୋଲି ଉପନିର୍ଦ୍ଦେଶକ ବିଶ୍ୱାଳ ସୂଚନା ଦେଇଛନ୍ତି।

## ସ୍ୱୟଂ ଗଣନା ପ୍ରକ୍ରିୟାରେ ସକ୍ରିୟ ଭାଗନେବାକୁ ଆହ୍ୱାନ

### ଜିଲାବାସୀଙ୍କୁ ବାର୍ତ୍ତା ଦେଲେ ଜିଲାପାଳ



ଜିଲାପାଳ ମନୋଜ ସତ୍ୟବାନ ମହାଜନ ନିଜ କାର୍ଯ୍ୟାଳୟରେ ସ୍ୱୟଂ ଗଣନା ପ୍ରକ୍ରିୟା କରୁଛନ୍ତି।

କୋରାପୁଟ,୨।୪(ଅମିତାଭ ବେହେରା)

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ କାର୍ଯ୍ୟାଳୟ କକ୍ଷରେ ଜନଗଣନା-୨୦୨୭ର ସ୍ୱୟଂ ଗଣନା ପ୍ରକ୍ରିୟା ସଫଳ ଭାବେ ଗୁରୁବାର ସମ୍ପନ୍ନ କରିଛନ୍ତି। ଏହି ଅବସରରେ ଉପନିର୍ଦ୍ଦେଶକ(ଯୋଜନା), ସହାୟକ ଜିଲାପାଳ(ଜନଗଣନା) ଓ ଜନଗଣନା କାର୍ଯ୍ୟାଳୟ ଜିଲା ସମନ୍ୱୟକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱୟଂ ଗଣନା ପ୍ରକ୍ରିୟା ଅତ୍ୟନ୍ତ ସହଜ ଓ ସରଳ ଥିଲା ଏବଂ ମାତ୍ର ୫ରୁ ୭ ମିନିଟ ମଧ୍ୟରେ ଏହା ସମାପ୍ତ ହୋଇଯାଇଥିଲା ବୋଲି ଜିଲାପାଳ କହିଛନ୍ତି। ସେ ସମସ୍ତ ନାଗରିକଙ୍କୁ ସ୍ୱୟଂ ଗଣନା ପ୍ରକ୍ରିୟାରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦେଇଛନ୍ତି। ସ୍ୱୟଂ ଗଣନା ପରେ ମିଳୁଥିବା ୧୨ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବାକୁ କହିଛନ୍ତି। ଗଣନାକାରୀ ଘରକୁ ଆସିଲେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ଜନଗଣନାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ ଆଶା କରାଯାଇଛି।

## ଶ୍ରମ କୋଡ୍ ବାତିଲ ଦାବି: ଏଆଇଟିୟୁସିର କଳା ଦିବସ ପାଳନ




ଏଆଇଟିୟୁସ ପକ୍ଷରୁ ପ୍ରତିବାଦ କରାଯାଉଛି।

ଜୟପୁର,୨।୪(ପବନ ପାଣିଗ୍ରାହୀ)

କେନ୍ଦ୍ର ସରକାର ଶ୍ରମ ଆଇନ ବାତିଲ କରି ଆଣିଥିବା ୪ ଶ୍ରମ କୋଡ୍ ବିରୋଧରେ ଶ୍ରମିକ ସଂଘଗୁଡ଼ିକ ଦେଶବ୍ୟାପି କଳା ଦିବସ ପାଳନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇଟିୟୁସି ଜିଲା କମିଟି ପକ୍ଷରୁ ବିକ୍ଷୋଭ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳଙ୍କ ଅଫିସ ମାଧ୍ୟମରେ ଦିଆଯାଇଛି। ଏଥିରେ କଳା ଶ୍ରମ କୋଡ୍‌କୁ ବାତିଲ କରି ଦୀର୍ଘ ଶ୍ରମ ଆଇନକୁ ଲାଗୁ କରିବାକୁ ରାଷ୍ଟ୍ରପତି କେନ୍ଦ୍ର ସରକାରକୁ ନିର୍ଦ୍ଦେଶ ଦେବାକୁ ଉଲ୍ଲେଖ କରାଯାଇଛି। କେନ୍ଦ୍ରରେ ଭାଜପା ସରକାର ଆସିବା ପରଠାରୁ ଜାତୀୟ ଶ୍ରମ ସମ୍ମିଳନୀକୁ ବନ୍ଦ କରିଦିଆଯାଇଛି। ଏହି ଶ୍ରମ ସମ୍ମିଳନୀକୁ ଆୟୋଜନ କରି ଶ୍ରମିକମାନଙ୍କ ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନିଆଯାଉ ବୋଲି କୁହାଯାଇଛି। କେନ୍ଦ୍ର ସରକାର ଟ୍ରେଡ ୟୁନିଅନ ଆଇନ ୧୯୨୬ ଓ ୟୁନିଅନ ଗଠନ କରିବାର ସାମ୍ବିଧାନିକ ଅଧିକାରକୁ ଧ୍ୱସ୍ତ କରିଥିବା କୁହାଯାଇଛି। ବିକ୍ଷୋଭରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ବସନ୍ତ ବେହେରା,ରାମକୃଷ୍ଣ ଦାସ,ନନ୍ଦ ହରିଜନ ଓ ଭାସ୍କର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

### ୩ ସ୍ଥାନରୁ ୫୧ ଗ୍ୟାସ୍ ସିଲିଣ୍ଡର ଜବତ

ଜୟପୁର,୨।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଏନ୍‌ଫୋର୍ସମେଣ୍ଟ ଟିମ ପକ୍ଷରୁ ସହରର ୩ ସ୍ଥାନରେ ଚଢ଼ାଉ କରାଯାଇ ୫୧ ସିଲିଣ୍ଡର ଗୁରୁବାର ଜବତ କରାଯାଇଛି। ତହସିଲଦାର ତଥା ଏନଫୋର୍ସମେଣ୍ଟ ଟିମ ଅଧ୍ୟକ୍ଷ ସବ୍ୟସାଚି ଜେନାଙ୍କ ସୂଚନା ଅନୁଯାୟୀ କିଛି ବ୍ୟବସାୟୀ ହିତାଧିକାରୀଙ୍କ ଗ୍ୟାସ୍ ବହିକୁ ନିଜ ଅଧୀନରେ ରଖି ବୁକିଂ କରିବା ସହ ଭର୍ତ୍ତି ସିଲିଣ୍ଡରକୁ ଚଢ଼ା ଦରରେ ବିକ୍ରି କରୁଥିବା ଜଣାପଡ଼ିଥିଲା। ବିଭିନ୍ନ କମ୍ପାନୀର ଡିପୋ ତଥା ଡିଷ୍ଟ୍ରିବ୍ୟୁଟରଙ୍କ ପାଖରୁ ଗ୍ୟାସ ଟାଙ୍କି ଉଠାଇ ବ୍ୟବସାୟ କରୁଥିବା ଖବର ପାଇ ବାରିଣିପୁଟସ୍ଥିତ କିଆ ଶୋରୁମ ପଛପଟ ଏକ ଗୋଦାମ, ପୁରୁଣା ବସ୍‌ଷ୍ଟାଣ୍ଡ ପାଖ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟ ଶର୍ମା ଗ୍ୟାସ ଏଜେନ୍ସି, ଏମ୍‌ଜି ରୋଡ ନିକଟ ଏକ ଗୋଦାମ ଗୃହ ଆଦି ୩ ସ୍ଥାନରୁ ୫୧ ସିଲିଣ୍ଡର ଜବତ କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ଗୋଦାମରେ ଚଢ଼ାଉ କରାଯିବ ଓ କେତେ ପରିମାଣର ଗ୍ୟାସ୍ କାହାକୁ ଦିଆଯାଉଛି ଏହାର ତଦନ୍ତ କରାଯିବ ବୋଲି କୁହାଯାଇଛି। ଚଢ଼ାଉରେ ଯୋଗାଣ ବିଭାଗ, ସଦର ପୋଲିସ ଓ ପୌରପାଳିକା କର୍ମଚାରୀ ଉପସ୍ଥିତ ଥିଲେ।

## ଯୋଗାଣ ବିଭାଗର ଚଢ଼ାଉ: ୩୧ ଗ୍ୟାସ୍ ସିଲିଣ୍ଡର ଜବତ



ଜବତ ହୋଇଥିବା ସିଲିଣ୍ଡର।

ସୁନାବେଡା,୨।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଓ ସେମିଳିଗୁଡ଼ା ସହରରେ କିଛି ଅସାଧୁ ବ୍ୟବସାୟୀ ଘରୋଇ ଗ୍ୟାସ୍ କଳାବଜାର କରୁଥିବା ନଜିର ରହିଛି। ଏହାକୁ ନେଇ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ସୁନାବେଡ଼ା ଅଞ୍ଚଳର ଏକାଧିକ ସ୍ଥାନରେ ଚଢ଼ାଉ କରି ଅନେକ ଘରୋଇ ଓ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ସୁନାବେଡା ଏଇଏଫ ମାର୍କେଟ ହାଉସିଂ ବୋର୍ଡ ରାସ୍ତାକଡ଼ସ୍ଥିତ ଏକ ଏଚ୍‌ପି ଗ୍ୟାସ୍ ଏଜେନ୍ସି ଫଳକ ଲାଗିଥିବା ଘର ସହ ଗଞ୍ଜାମ କଲୋନି ରାସ୍ତାକଡ ଏକ ଘରେ ଚଢ଼ାଉ କରାଯାଇଥିଲା। ମୋଟ ୩୧ ସିଲିଣ୍ଡର ଜବତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୧୯ ଖାଲି, ୪ ଭର୍ତ୍ତି ଘରୋଇ ଗ୍ୟାସ୍ ସିଲିଣ୍ଡର ଓ ୮ ବ୍ୟବସାୟିକ ସିଲିଣ୍ଡର ରହିଛି। ଏହି ଚଢ଼ାଉରେ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ)ସର୍ବେଶ୍ୱର ନାୟକ, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ସୌଭାଗ୍ୟ ରଞ୍ଜନ ନାୟକ, ସେମିଳିଗୁଡ଼ା ଯୋଗାଣ ନିରୀକ୍ଷକ ଅଶୋକ କୁମାର ସାହୁ, ସୁନାବେଡ଼ା ଯୋଗାଣ ନିରୀକ୍ଷକ ସନ୍ତୋଷିନୀ ଗଦବା, ସୁନାବେଡା ଥାନା ଏଏସ୍ଆଇ ଭରତ କୁମାର ବେହେରା ସାମିଲ ହୋଇଥିଲେ।

## ହଷ୍ଟେଲରେ ଅସୁସ୍ଥ ଛାତ୍ରୀଙ୍କ ମୃତ୍ୟୁ

### ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକେ

କୋରାପୁଟ,୨।୪

(ଅମିତାଭ ବେହେରା/ ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଧୀନ ନୂଆଗାଁ ଆଶ୍ରମ ବିଦ୍ୟାଳୟରେ ଜଣେ ଛାତ୍ରୀ(୧୩)ଙ୍କ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଚିକିତ୍ସାଳୟରେ ଗୁରୁବାର ମୃତ୍ୟୁ ହୋଇଛି। ମୃତା ହେଲେ ପୋଡ଼ାପଦର ଗ୍ରାମର ଭଗବାନ ଅମନାଥ୍ୟଙ୍କ ଝିଅ ସୁବର୍ଣ୍ଣ। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ସୂଚନାନୁଯାୟୀ, ଛାତ୍ରୀ ଜଣଙ୍କ ହଷ୍ଟେଲରେ ରହି ପଢୁଥିଲେ। ଗୁରୁବାର ସକାଳ ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଏ ନେଇ ସ୍କୁଲ ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ପହଞ୍ଚି ଛାତ୍ରୀଙ୍କୁ ବୋରିଗୁମ୍ମା ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି।

### ନକଲି ପ୍ରମାଣପତ୍ରରେ ଅଙ୍ଗନୱାଡି ହେଲ୍‌ପର ନିଯୁକ୍ତି ଅଭିଯୋଗ

କୋରପୁଟ,୨।୪(ଅମିତାଭ ବେହେରା)

ବୋରିଗୁମ୍ମା ବ୍ଲକ କଦମ୍ବଗୁଡ଼ା ଗ୍ରାମରେ ନକଲି ପ୍ରମାଣ ପତ୍ରରେ ଜଣେ ଯୁବତୀ ଅଙ୍ଗନୱାଡି ହେଲ୍‌ପର ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି। ଏହାକୁ ବାତିଲ କରିବା ଓ ଯୋଗ୍ୟ ଯୁବତୀଙ୍କୁ ଚାକିରିରେ ନିଯୁକ୍ତି ଦେବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରିଛନ୍ତି। କଦମ୍ବଗୁଡ଼ା ଅଙ୍ଗନୱାଡି କର୍ମୀ ପାଇଁ ଗ୍ରାମର ସଙ୍ଗୀତା ହରିଜନ ଓ ବିମଳା ଗୋଲରି ଆବେଦନ କରିଥିଲେ। କିନ୍ତୁ ବିମଳା ଦେଇଥିବା ପ୍ରମାଣପତ୍ର ନକଲି ଥିବା ସଙ୍ଗୀତା ଅଭିଯୋଗ ଆଣିଛନ୍ତି। ଯାଞ୍ଚ ନ କରି ତାଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଇଛି। ଚାରାଗାଁ ଗ୍ରାମର ରତ୍ନମଣି ହରିଜନଙ୍କ ପ୍ରମାଣପତ୍ରକୁ ଜାଲ କରି ଚାକିରି ହାତେଇଥିବା ସଙ୍ଗୀତା ଅଭିଯୋଗ କରିଛନ୍ତି। ଏ ଦିଗରେ ତଦନ୍ତ କରାଯିବ ବୋଲି ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରକାଶ କରିଛନ୍ତି।

## କୋରାପୁଟ ତହସିଲର ସରିଲା ଜନଗଣନା ତାଲିମ



କାର୍ଯ୍ୟକ୍ରମରେ ଉପସ୍ଥିତ ତହସିଲଦାର ଓ ତାଲିମଦାତାମାନେ।

କୋରାପୁଟ,୨।୪(ଅମିତାଭ ବେହେରା)

କୋରାପୁଟ ରାଜସ୍ୱ କାର୍ଯ୍ୟାଳୟ ଦ୍ୱାରା ୨୦୨୭ ଡିଜିଟାଲ ଜନଗଣନା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଶେଷ ହୋଇଛି। ସ୍ଥାନୀୟ ଓ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଗଠିତ ୫ ବ୍ୟାଚକୁ ତିନିଦିନ ଲେଖାଏ ପ୍ରଶିକ୍ଷକ ମନୋଜ କୁମାର ପ୍ରଧାନ, ବିଜୟ ସାହୁ, ସୁଧୀର ମହାନ୍ତି ଓ ଆର.ଶିବଶଙ୍କର ପଟ୍ଟନାୟକ ପ୍ରଥମ ଡିଜିଟାଲ ଜନଗଣନା ପାଇଁ ୩୩ ସୂତ୍ରୀ ବା ପ୍ରଶ୍ନ ସମ୍ବନ୍ଧରେ ତାଲିମ ଦେଇଛନ୍ତି। ଶେଷ ଦିନରେ ତହସିଲଦାର ସବୀର ସାୟିଦ ସାହା ଜନଗଣନା ଅଧିକାରୀ ଓ ନିରୀକ୍ଷକଙ୍କୁ ଜନଗଣନା ସର୍ଭେର ତଥ୍ୟକୁ ଗୁପ୍ତ ରଖିବାକୁ ଶପଥ ପାଠ କରାଇଥିଲେ। ଜନଗଣନା ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଉତ୍ତରଦାୟୀ ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି।

## ସିପିଆଇର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଜୟପୁର,୨।୪(ପବନ ପାଣିଗ୍ରାହୀ)



ସିପିଆଇ ନେତା ଓ କର୍ମୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋଟପାଡ଼ ଜୋନର ବତାସନା ଅଞ୍ଚଳ ଚାଷୀ, ମୁଲିଆମାନେ ଜୟପୁର ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ଗୁରୁବାର ପ୍ରଦାନ କରିଛନ୍ତି। ବତାସନା ପଞ୍ଚାୟତର ବହୁ ଏକର ସରକାରୀ ଜମିକୁ ବିସ୍ଥାପିତ ଅଞ୍ଚଳରୁ ଆସିଥିବା ଲୋକମାନେ ଜବରଦଖଲ କରିଥିବା କୁହାଯାଇଛି। ପଞ୍ଚାୟତର ମୂଳ ବାସିନ୍ଦା ଆଦିବାସୀ ହରିଜନ ଓ ଗରିବ ଲୋକମାନେ ଜମି ହୀନ, ବାସହୀନ ହୋଇଥିବା କୁହାଯାଇଛି। ଏ ନେଇ ଗ୍ରାମବାସୀ ଓ ସିପିଆଇ ପକ୍ଷରୁ କୋଟପାଡ଼ ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ପ୍ରକାଶ ଯେ, କୋଲାବ ଯୋଜନାରେ ବାସଚ୍ୟୁତ ପରିବାରଙ୍କୁ ବତାସନା ଅଞ୍ଚଳରେ ଜମି ଦେଇ ଥଇଥାନ କରାଯାଇଛି। ସରକାର ସେମାନଙ୍କୁ ଜମି ଓ ବାସସ୍ଥାନ ମଧ୍ୟ ଦେଇଛନ୍ତି। ଏହାକୁ ବାଦ ଦେଇ ସେଠାରେ ଥିବା ସରକାରୀ ଜମିକୁ ଜବରଦଖଲ କରିଛନ୍ତି। ଉପଯୁକ୍ତ ତଦନ୍ତ କରି ବେଆଇନ ଜବରଦଖଲକାରୀଙ୍କୁ ବେଦଖଲ କରି ମୂଳବାସିନ୍ଦାଙ୍କୁ ଦେବାକୁ ଦାବି ହୋଇଛି। ପଞ୍ଚାୟତର ମୁଖ୍ୟ ରାସ୍ତା ତିଆରି କରିବା, ଜଳଯୋଗାଣ ବ୍ୟବସ୍ଥା, ଧାନମଣ୍ଡିରେ କଟନୀଛଟନୀ ବନ୍ଦ କରିବାକୁ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଜରିଆରେ ଦାବିପତ୍ର ଦିଆଯାଇଛି। ଧାରଣାରେ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ତ୍ରିପତି ଭତରା,ପାର୍ଟିର ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

## ସରିଲା ମା'ଶୀତଳା ଠାକୁରାଣୀଙ୍କ ଘଟଯାତ୍ରା

କୋଟପାଡ଼,୨।୪(କେ.ରାଜଶେଖର ରାଓ)





କୋରାପୁଟ ଜିଲା କୋଟପାଡ଼ ମା'ଶୀତଳା ଠାକୁରାଣୀଙ୍କ ତ୍ରୟବାର୍ଷିକ ଘଟଯାତ୍ରା ବୁଧବାର ସମାପନ ହୋଇଯାଇଛି। ସକାଳୁ ମାନସିକଧାରୀମାନେ ଘରେ ପୂଜାରୀମାନଙ୍କ ଦ୍ୱାରା ପୂଜାପାଠ କରି ଘଟ କୁମ୍ଭ ସ୍ଥାପନା କରିଥିଲେ। ଏହା ପରେ ଘଣ୍ଟ, ମହୁରି ନାଗରା ବଜେଇ ମା' ଶୀତଳା ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ। ହୋମଯଜ୍ଞ କରାଯାଇ ମା'ଙ୍କ ବିମାନକୁ ସହର ପରିକ୍ରମା କରାଯାଇ ୨ କି.ମି. ଦମୟନ୍ତୀ ସାଗର ଶେଷମୁଣ୍ଡ ଅସ୍ଥାୟୀ ପୀଠରେ ମା'ଙ୍କୁ ବିରାଜମାନ କରାଯାଇଥିଲା। ଆଖପାଖ ଗ୍ରାମାଞ୍ଚଳର ଦେବଦେବୀଙ୍କ ଲାଠି, ଖୁର୍ଚ୍ଚଇ, ଡୋଲି ଆଦି ନାଗରା, ମୁହୁରି ଘଣ୍ଟ ଶବ୍ଦ ତାଳେ ତାଳେ ନାଚିଥିଲେ। ମନ୍ଦିରରୁ ମା'ଙ୍କ ବିମାନ ବାହାରିବା ସମୟରେ ଅଞ୍ଚଳର ଆଦିବାସୀ, ମାଡିଆ ନାଚ ଆଦି ଦେଖିବାକୁ ମିଳିଥିଲା। ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରଶାସନ ପକ୍ଷରୁ ମନ୍ଦିର ପୂଜା କମିଟିକୁ ସହଯୋଗ କରାଯାଇଛି। ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ମା'ଙ୍କ ଅସ୍ଥାୟୀ ପୂଜା ମଣ୍ଡପ ନିକଟରେ ଆନ୍ଧ୍ରର ଆତସବାଜି ଆକର୍ଷଣ ଥିଲା। ଅଗ୍ନିଶମ ବାହିନୀ ଉପସ୍ଥିତ ଥିଲେ। ମା'ଙ୍କ ସହ ୧୦ ହଜାରରୁ ଊର୍ଦ୍ଧ୍ୱ ଘଟକୁମ୍ଭ ଯାତ୍ରା କରିଥିଲେ। ରାତିରେ ଅସ୍ଥାୟୀ ପୀଠରେ ହୋମଯଜ୍ଞ ହୋଇଥିଲା। ମା'ଙ୍କ ନିକଟରେ ଛେଦ ପଡ଼ିଥିଲା। ବିଳମ୍ବିତ ରାତିରେ ବିମାନକୁ ବାହାରଗଡ଼ ସାହି ସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା। ସୂଚନାନୁଯାୟୀ, ମା' ଶୀତଳା ଠାକୁରାଣୀଙ୍କୁ ଜଗଦଳପୁର ରାଜା ଚୋରି କରି ହାତୀ ପିଠିରେ ନେଉଥିବା ବେଳେ ଦମୟନ୍ତୀ ସାଗର ଶେଷମୁଣ୍ଡରେ ହାତୀ ଅସୁସ୍ଥ ହେବାରୁ ଆଉ ଆଗକୁ ଯାଇପାରିନଥିଲେ। ରାଜା ସେଠାରେ ମା'ଶୀତଳାଙ୍କୁ ଛାଡି ଚାଲିଯାଇଥିବା ତଥ୍ୟରୁ ଜଣାପଡ଼ିଛି। ସେବାୟତ ପୂଜାରୀଙ୍କୁ ସ୍ୱପ୍ନାଦେଶ ହେବାରୁ ମା'ଙ୍କୁ ସ୍ଥାୟୀ ପୀଠ ବାହାରଗଡ଼ ସାହିକୁ ଅଣାଯାଇଥିଲା। ସେହିଦିନରୁ ପ୍ରତି ୩ ବର୍ଷକୁ ଥରେ ଏହି ହୁଏ।

